# NATIONAL NEWS BULLETIN (ODIA)

## 29th August - 2025

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ଟୋକିଓଠାରେ ପଞ୍ଚଦଶ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ ।

— ବିଶ୍ୱରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠାପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ସହମତି ପ୍ରକାଶ କଲେ ଉଭୟ ଦେଶ ।

- ଭୁବନେଶ୍ୱରଠାରେ ସଂସଦ ଓ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କଲେ ଲୋକସଭା ବାଚସ୍ପତି ।

— ବଦଳୁଥିବା ପରିସ୍ଥିତି ଅନୁଯାୟୀ ସମତାଭିତ୍ତିକ ସମାଜ ଓ ବିକଶିତ ଭାରତ ଗଠନ ଉପରେ ଗୁରୁତ୍ୱାରୋପ ।

- ଗୁଆହାଟୀଠାରେ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୋଲାପ ବୋରବୋରାଙ୍କ ବର୍ଷେବ୍ୟାପୀ ଜନ୍ମ ଶତବାର୍ଷିକୀ ସମାରୋହକୁ ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

ଏବଂ

- ଅଟ୍ଟାଳିକା ଭିତରେ ନେଟ୍‌ୱାର୍କରେ ସୁଧାର ଆଣିବାପାଇଁ ୮ଟି ଡିଜିଟାଲ୍ ସଂଯୋଗ ମୂଲ୍ୟାୟନ ସଂସ୍ଥାକୁ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣର ମଞ୍ଜୁରି ପ୍ରଦାନ ।

## ଇଣ୍ଡିଆ ଜାପାନ ସମ୍ମିଟ୍

ଜାପାନର ଟୋକିଓଠାରେ ଅନୁଷ୍ଠିତ ପଞ୍ଚଦଶ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଜାପାନ ପ୍ରତିପକ୍ଷ ଶିଗେରୁ ଇଶିବାଙ୍କ ସହ ଯୋଗ ଦେଇଛନ୍ତି । ଏହି ସମ୍ମିଳନୀରେ ଉଭୟ ନେତା ଦୁଇଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ୍ କରିବାପାଇଁ ଆଲୋଚନା କରିବା ସହ ଆଗାମୀ ଦିନରେ ବିଶ୍ୱସ୍ତରୀୟ ଭାଗିଦାରିତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି, ଦୁଇଦେଶ ମଧ୍ୟରେ ଆଲୋଚନା ଫଳପ୍ରଦ ହୋଇଛି ।

ବିଶ୍ୱରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ପାଇଁ ଭାରତ-ଜାପାନ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଉଭୟ ନେତା ସମ୍ମତି ପ୍ରକାଶ କରିଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି । ଏକ ଉତ୍ତମ ବିଶ୍ୱ ଓ ବୈଶ୍ୱିକ ଶାନ୍ତି ପ୍ରତିଷ୍ଠା କରିବାପାଇଁ ଦୃଢ଼ ଗଣତନ୍ତ୍ରର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଏଥିରେ ଦୁଇଦେଶର ନେତା ସହମତି ପ୍ରକାଶ କରିଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (Modi World Peace)*** :.........

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ଦଶନ୍ଧିପାଇଁ ଏକ ରୂପରେଖ ପ୍ରସ୍ତୁତ କରାଯାଇଛି । ପୁଞ୍ଜିନିବେଶ, ସୃଜନଶୀଳ, ଆର୍ଥିକ ନିରାପତ୍ତା, ପରିବେଶ, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ, ପରିବହନ, ଲୋକମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ତଥା ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଭାଗିଦାରିତା ଆଦି ସମ୍ପର୍କରେ ଦୁଇ ଦେଶ ସେମାନଙ୍କର ଦୃଷ୍ଟିଭଙ୍ଗୀ କେନ୍ଦ୍ରୀଭୂତ କରିଛନ୍ତି । ସେ କହିଛନ୍ତି, ଆର୍ଥିକ ଭାଗିଦାରିତା ଭଳି ସବୁଜ ଭାଗିଦାରିତାକୁ ମଧ୍ୟ ଭାରତ-ଜାପାନ ଗୁରୁତ୍ୱ ଦେଉଛନ୍ତି । ଜାପାନୀ ପ୍ରଯୁକ୍ତିବିଦ୍ୟା ଏବଂ ଭାରତୀୟ ପ୍ରତିଭା ସମନ୍ୱୟ ରକ୍ଷାକରି ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବେ ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (Modi Strategic partnership)*** :.........

ତାଙ୍କ ବିବୃତିରେ ଜାପାନ ପ୍ରଧାନମନ୍ତ୍ରୀ କହିଛନ୍ତି, ସୃଜନଶୀଳତା ମାଧ୍ୟମରେ ଭାରତ ସମଗ୍ର ବିଶ୍ୱରେ ରୂପାନ୍ତରଣ ଆଣିପାରିଛି । ଭାରତ ଏବଂ ଜାପାନ ଉଭୟ ପରିପୂରକ ଏବଂ ସହମତି ସମ୍ପର୍କ ନେଇ ଦୁଇ ଦେଶର ସ୍ୱାର୍ଥପାଇଁ କାର୍ଯ୍ୟ କରିବେ ବୋଲି ଜାପାନ ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତ

ଏବଂ ଜାପାନ ପ୍ରତିରକ୍ଷା ସହଯୋଗ କ୍ଷେତ୍ରରେ ସୁଦୃଢ଼ ବୋଲି ଶ୍ରୀ ଇଶିଦା ଉଲ୍ଲେଖ କରିଛନ୍ତି । ଭାରତୀୟ ବଜାରରେ ବୃହତ୍ ଚାହିଦା ରହିଛି ବୋଲି ସେ ମତ ପ୍ରକାଶ କରିଛନ୍ତି । ସମ୍ମିଳନୀ ଅବସରରେ ଭାରତ ଓ ଜାପାନ ମଧ୍ୟରେ ବିଭିନ୍ନ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ସୂଚନା ମିଳିଛି ।

ପୂର୍ବରୁ ଶ୍ରୀ ମୋଦି' ବାଚସ୍ପତି ଫୁକୁଶିରୋ ନୁକାଗା ଏବଂ ଜାପାନର ସାଂସଦମାନଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ଭାରତ ଓ ଜାପାନ ମଧ୍ୟରେ ଥିବା ଦୃଢ଼ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ ସେମାନଙ୍କ ସହ ଆଲୋଚନା ହୋଇଥିଲା । ଏଥିରେ ମାନବ ସମ୍ବଳର ବିକାଶ, ସାଂସ୍କୃତକ ଭାବ ବିନିମୟ ଏବଂ ସହଯୋଗ ଆଦି ସମ୍ପର୍କରେ ଆଲୋଚନା ହେବା ସହ ଅର୍ଥନୀତି, ସ୍ୱାସ୍ଥ୍ୟ, ପରିବହନ ଭାଗିଦାରିତା, କୃତ୍ରିମ ବୁଦ୍ଧିମତ୍ତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଷୟରେ ସାଂସଦମାନଙ୍କ  ସହ ଆଲୋଚନା ହୋଇଥିଲା । ପୂର୍ବତନ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା ଓ ଫୁମିଓ କିଶିଦା' ଶ୍ରୀ ମୋଦିଙ୍କ ସାକ୍ଷାତ୍ କରିଥିଲେ ।

## ଏସ୍.ଟି. ଏସ୍.ସି. ସମ୍ମିଳନୀ

ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଦଳମତ ଉର୍ଦ୍ଧ୍ୱରେ ଥାଇ ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି ବୋଲି ଲୋକସଭା

ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ସଂସଦ ଏବଂ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଜାତୀୟ ସମ୍ମିଳନୀକୁ ଲୋକସଭା ବାଚସ୍ପତି ଶ୍ରୀ ବିର୍ଲା ଭୁବନେଶ୍ୱର ଲୋକସେବା ଭବନରେ ଉଦ୍‌ଘାଟନ କରି କହିଛନ୍ତି, ବଦଳୁଥିବା ପରିସ୍ଥିତି ଅନୁଯାୟୀ, କମିଟି ଯାହା ପ୍ରସ୍ତାବ ଦେବ ତାହାକୁ କାର୍ଯ୍ୟକାରୀ କରାଯାଇ ଏକ ସମତାଭିତ୍ତିକ ସମାଜ ଓ ବିକଶିତ ଭାରତ ଗଠନ କରାଯିବ। ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆ ବର୍ଗଙ୍କୁ ସାମାଜିକ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବାଚସ୍ପତି ଶ୍ରୀ ବିର୍ଲା କହିଛନ୍ତି।  ସମ୍ମିଳନୀରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂସଦୀୟ ସମିତିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂ କୁଲସ୍ତେଙ୍କ ସମେତ ୧୨୦ରୁ ଅଧିକ ପ୍ରତିନିଧି ଯୋଗଦେଇଛନ୍ତି। ଆସନ୍ତାକାଲି ଉଦ୍‌ଯାପନୀ ଦିବସରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେବେ।

## ପ୍ରେଜ୍ - ସ୍ପୋର୍ଟସ୍‌ମ୍ୟାନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଜାରତୀୟ କ୍ରୀଡ଼ାଦିବସ ଅବସରରେ ଅମୃତ ଉଦ୍ୟାନରେ କ୍ରୀଡ଼ାବିତ୍‌ମାନଙ୍କ ସହ ଭାବ ବିନିମୟ କରିଛନ୍ତି । ଏହି ଦିବସ ପାଳନ କରିବାପାଇଁ ଆଜି କ୍ରୀଡ଼ାବିତ୍‌ମାନଙ୍କୁ ଅମୃତ ଉଦ୍ୟାନକୁ ସ୍ୱତନ୍ତ୍ର

ପ୍ରବେଶ ଅନୁମତି ଦିଆଯାଇଛି । ଏହି ଉଦ୍ୟାନ ଆସନ୍ତାମାସ ୧୪ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ । ଅମୃତ ଉଦ୍ୟାନକୁ ନିଃଶୁଳ୍କ ପ୍ରବେଶ ବ୍ୟବସ୍ଥା କରାଯାଇଛି ।

## ଅମିତ୍ ଶାହା - ବ୍ରହ୍ମପୁତ୍ର ୱିଙ୍ଗ୍

ଆସାମର ଗୁଆହାଟୀଠାରେ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସମାଜବାଦୀ ନେତା, ସ୍ୱାଧୀନତା ସଂଗ୍ରାମୀ ଗୋଲାପ ବୋରବୋରାଙ୍କ ବର୍ଷବ୍ୟାପୀ ଜନ୍ମଶତବାର୍ଷିକୀ ସମାରୋହକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଉଦ୍‌ଘାଟନ କରିଛନ୍ତି । ସ୍ୱର୍ଗତ ବୋରବୋରାଙ୍କୁ ଆସାମର ପ୍ରଥମ ଅଣକଂଗ୍ରେସ ମୁଖ୍ୟମନ୍ତ୍ରୀ ଭାବେ ବର୍ଣ୍ଣନା କରି ଶ୍ରୀ ଶାହା ତାଙ୍କର ସ୍ୱଳ୍ପ ଓ ପ୍ରଭାବଶାଳୀ ଶାସନର ପ୍ରଶଂସା କରିଛନ୍ତି । ତାଙ୍କ ଶାସନକାଳରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନକୁ ରାଜ୍ୟରେ ପ୍ରତିଷ୍ଠା କରିଥିଲେ । ଏହି ଅବସରରେ ଶ୍ରୀ ଶାହା ତାଙ୍କର ଜୀବନୀ ଉପରେ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି । ଗତକାଲି ଆଭାସୀ ମାଧ୍ୟମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜଭବନରେ ନୂତନ ବ୍ରହ୍ମପୁତ୍ର ଶାଖାର ଉଦ୍‌ଘାଟନ କରିବା ସହ ଗୋଲାଘାଟଠାରେ ଜାତୀୟ ସାଇବର ଫରେନ୍‌ସିକ୍ ପରୀକ୍ଷାଗାରକୁ ଲୋକାର୍ପଣ କରିଥିଲେ । ସେ ମଧ୍ୟ ସଶସ୍ତ୍ର ବାହିନୀ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ପରେ ଅନୁଷ୍ଠିତ ଏକ ପଞ୍ଚାୟତ

ସମ୍ମିଳନୀରେ ଉପସ୍ଥିତ ବି.ଜେ.ପି. ଏବଂ ଏନ୍.ଡି.ଏ.ର ସହଯୋଗୀ ଦଳର ପ୍ରାୟ ୨୦ ହଜାର ପ୍ରତିନିଧିଙ୍କୁ ସମ୍ବୋଧିତ କରିଥିଲେ ।

## ଟ୍ରାଇ - ଡିଜିଟାଲ୍ କନେକ୍ଟିଭିଟି

ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ - ଟ୍ରାଇ ଅଟ୍ଟାଳିକା ଭିତରେ ନେଟ୍ୱାର୍କ ଗୁଣବତ୍ତାରେ ଉନ୍ନତି ଆଣିବାପାଇଁ ୮ଟି ଡିଜିଟାଲ୍ ସଂଯୋଗ ମୂଲ୍ୟାୟନ ସଂସ୍ଥା - ଡି.ସି.ଆର୍.ଏ.କୁ ଅନୁମୋଦନ କରିଛି । ମନ୍ତ୍ରଣାଳୟ କହିଛି, ଏହି ଏଜେନ୍ସିଗୁଡ଼ିକ ବର୍ତ୍ତମାନ ସମ୍ପତ୍ତିରେ ଡିଜିଟାଲ୍ ସଂଯୋଗ ମୂଲ୍ୟାଙ୍କନ କରିବାକୁ ଅଧିକୃତ । ନିୟମ ଅନୁଯାୟୀ ପଞ୍ଜୀକରଣ ୫ ବର୍ଷପାଇଁ ବୈଧ ବୋଲି ଟ୍ରାଇ ପକ୍ଷରୁ କୁହାଯାଇଛି । ମନ୍ତ୍ରଣାଳୟ ଏହା ମଧ୍ୟ କହିଛି ଯେ, ଏହି ଏଜେନ୍ସିଗୁଡ଼ିକ ସରକାରୀ ମାନୁଆଲ୍ ଅନୁସାରେ ସଂଯୋଗ ମୂଲ୍ୟାଙ୍କନ କରିବା ସହିତ କାର୍ଯ୍ୟଦକ୍ଷତା ଆଧାରରେ କୋଠାଗୁଡ଼ିକ ଷ୍ଟାର୍ ମୂଲ୍ୟାଙ୍କନ ପ୍ରଦାନ କରିବେ । ଏହି ମୂଲ୍ୟାଙ୍କନଗୁଡ଼ିକ କ୍ରେତା, ଭଡ଼ାଟିଆ ଏବଂ ବ୍ୟବସାୟ ସମ୍ପତ୍ତି ବାଛିବା ସମୟରେ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ ।

# ଇଣ୍ଡିଆନ୍ ନାଭି - ସାଉଦି ଆରବିଆ

ଭାରତୀୟ ନୌସେନା ଜାହାଜ 'ତମାଲ୍' ଏବଂ 'ସୁରତ୍' ସାଉଦି ଆରବର ଜେଦ୍ଦାହା'ରେ ପହଞ୍ଚିଛନ୍ତି । ରୟାଲ୍ ସାଉଦି ନୌସେନା ବାହିନୀ ଏବଂ ସୀମା ସୁରକ୍ଷା ବାହିନୀର କର୍ମଚାରୀମାନେ କ୍ରୀଡ଼ା ସାଜସଜ୍ଜା, ନୌସେନା ସୁବିଧା ସହିତ ପରିଚିତ ହେବା ଏବଂ ଭାରତ-ସାଉଦି ଆରବ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଦିଗରେ ଆଲୋଚନା କରିବାର ଆଶା କରାଯାଉଛି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହି ଗସ୍ତ ସାଉଦି ଆରବ ସହିତ ପ୍ରତିରକ୍ଷା ସହଯୋଗ, ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଉଛି । ଏହା ଉଭୟ ନୌସେନାକୁ ସର୍ବୋତ୍ତମ ଅଭ୍ୟାସର ଆଦାନ ପ୍ରଦାନ ଏବଂ ଅଧିକ ସମ୍ପର୍କ ପାଇଁ ମାର୍ଗ ଉନ୍ମୁକ୍ତ କରିବାର ସୁଯୋଗ ପ୍ରଦାନ କରିବ । ମନ୍ତ୍ରଣାଳୟ କହିଛି, ସାଉଦି ନୌସେନା ବାହିନୀର ବରିଷ୍ଠ ଅଧିକାରୀ' ସୀମା ସୁରକ୍ଷା ବାହିନୀ, କୂଟନୀତିଜ୍ଞ, ପ୍ରବାସୀ ଭାରତୀୟଙ୍କ ପ୍ରମୁଖ ସଦସ୍ୟ ଏବଂ ସ୍ଥାନୀୟ ଅଧିକାରୀଙ୍କପାଇଁ ଏକ ସାଂସ୍କୃତିକ ସୁଯୋଗ ଆଦାନ ପ୍ରଦାନର ଆୟୋଜନ କରିବ ।

# ଏସ୍.ଇ.ଇ.ଆଇ. - ପାୱାର ମିନିଷ୍ଟ୍ରୀ

ଶକ୍ତି ମନ୍ତ୍ରଣାଳୟ ଆଜି ରାଜ୍ୟ ଶକ୍ତି ଦକ୍ଷତା ସୂଚକାଙ୍କ-SEEI-2024କୁ ପ୍ରକାଶ କରିଛି । ଏହି ସୂଚକାଙ୍କ ରାଜ୍ୟସ୍ତରୀୟ ତଥ୍ୟ ମନିଟରିଂକୁ ସଂସ୍ଥାଗତ କରିବା, ଶକ୍ତି ପଦଚିହ୍ନ ପରିଚାଳନାକୁ ଟ୍ରାକ୍ କରିବା, ସର୍ବୋତ୍ତମ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟଗୁଡ଼ିକ ମଧ୍ୟରେ ଶକ୍ତି ଦକ୍ଷତାରେ ପ୍ରତିଯୋଗିତାମୂଳକ ଉନ୍ନତିକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସୂଚକାଙ୍କ ଅନୁଯାୟୀ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଆସାମ ଏବଂ ତ୍ରିପୁରା ରହିଛନ୍ତି । ମନ୍ତ୍ରଣାଳୟ କହିଛି, ସୂଚକାଙ୍କର ଷଷ୍ଠ ସଂସ୍କରଣରେ ୭ଟି ପ୍ରମୁଖ ଚାହିଦା କ୍ଷେତ୍ରପାଇଁ ୬୬ଟି ସୂଚକ ସହିତ ଏକ ଉନ୍ନତ କାର୍ଯ୍ୟାନ୍ୱୟନ କେନ୍ଦ୍ରିତ ଢାଞ୍ଚା ରହିଛି । ଏଥିରେ ଅନ୍ତର୍ଭୁକ୍ତ କୋଠା, ଶିଳ୍ପ, ପୌରସେବା, ପରିବହନ, କୃଷି, ବିଦ୍ୟୁତ୍ ବଣ୍ଟନ ଆଦି ସ୍ଥାନ ପାଇଛି । SEEI ୨୦୨୪ ଆର୍ଥିକ ବର୍ଷରେ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଶକ୍ତି ଦକ୍ଷତା ପ୍ରଦର୍ଶନର ମୂଲ୍ୟାଙ୍କନ କରିଛି ।

# ସିନ୍ଧିଆ - ଆଇ.ଆଇ.ଆଇ.ଟି. ଦିଲ୍ଲୀ

କେନ୍ଦ୍ର ଯୋଗାଯୋଗ ଓ ବିକାଶ ମନ୍ତ୍ରୀ ଜୋତିରାଦିତ୍ୟ ସିନ୍ଧିଆ ଯୁବପିଢ଼ିଙ୍କୁ ବିଶ୍ୱଗୁରୁ ଭାରତକୁ ଦେଶର ପରବର୍ତ୍ତୀ ଅଧ୍ୟାୟର ନେତୃତ୍ୱ ନେବାକୁ ଆହ୍ୱାନ ଦେଇଛନ୍ତି । ଆଜି ଆଇ.ଆଇ.ଆଇ.ଟି. ଦିଲ୍ଲୀରେ ଅନୁଷ୍ଠିତ ଟେକ୍-ଫେଷ୍ଟରେ ଉଦ୍‌ବୋଧନ ଦେଇ ସେ ଉନ୍ନତ ପ୍ରଯୁକ୍ତିବିଦ୍ୟାରେ ଦେଶରେ ବୃଦ୍ଧି ପାଉଥିବା ନେତୃତ୍ୱ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଟେଲିକମ୍ ପ୍ରଯୁକ୍ତିବିଦ୍ୟା ବିକାଶ ପାଣ୍ଠି ପୂର୍ବରୁ ପ୍ରାୟ ୧୨୦ଟି ଭବିଷ୍ୟତ ପ୍ରକଳ୍ପରେ ନିବେଶ କରିସାରିଛି । ବିଶେଷକରି 6Gରେ ବିଶ୍ୱସ୍ତରୀୟ ନେତା ଭାବେ ଉଭା ହେବା ସହିତ ୨୦୩୦ ସୁଦ୍ଧା ବିଶ୍ୱସ୍ତରୀୟ ପ୍ୟାଟେଣ୍ଟର ଅତି କମ୍‌ରେ ୧୦ ପ୍ରତିଶତ ଯୋଗଦାନ ଦେବାପାଇଁ ଭାରତ ଲକ୍ଷ୍ୟ ରଖିଛି ବୋଲି ଶ୍ରୀ ସିନ୍ଧିଆ କହିଛନ୍ତି ।

*****